## ଶାଳବଲ୍ଲା ବୋଝେଇ ଟ୍ରକ ଜବତ୍, ୨ ଗିରଫ

କେନ୍ଦୁଝର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲର କାଲବଲ୍ଲା ନେଇ ଯାଉଥିବା ଏକ ଟ୍ରକକୁ ବନ ବିଭାଗ ଜବତ କରିଛି। ଘଟଣାରେ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଘଷିପୁରା ଥାନା କଣ୍ଟୋ ଗ୍ରାମର କାଳନ୍ଦି ମହାନ୍ତ, କୋଳିମାଟି ଗ୍ରାମର ଲାଲମୋହନ ରଣାକୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଚଢ଼ଉ ସମୟରେ ଘଟଗାଁ ଫରେଷ୍ଟର ଯତିନ୍ଦ୍ର ପହି, ଫରେଷ୍ଟ ଗାର୍ଡ ମଞ୍ଜୁଲତା ମୋଦୀ, ଶ୍ରବଣ ପାତ୍ର ଏବଂ ସ୍କ୍ୱାଡ ସାମିଲ ଥିଲେ। ବନ ବିଭାଗ ପକ୍ଷରୁ ଏକ ଯୁଡି କେସ କରାଯାଇ ୪୦ଟି ଶାଳ ବଲ୍ଲା ବୋଝେଇ ଟ୍ରକ ଜବତ୍ କରି ଦେଓବନ୍ଧ ସେକ୍ସନ ଅଫିସରେ ରଖାଯାଇଛି।

## ସଂକ୍ଷେପରେ

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ପାଟଣା,୧୫।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଘୋଲକୁଣ୍ଡ ଗ୍ରାମରେ ପାରିବାରିକ କଳହରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ଗ୍ରାମର ଜଗନ୍ନାଥ ମୁଣ୍ଡା(୩୮)। ସୂଚନା ଅନୁଯାୟୀ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ନେଇ କଳହ ହୋଇଥିଲା। ଏଥିରେ ସ୍ତ୍ରୀ ରାଗିଯାଇ ବାପ ଘରକୁ ପଳାଇ ଯିବା ପରେ ଜଗନ୍ନାଥ ମାନସିକ ଭରସାମ୍ୟ ହରାଇ ଗ୍ରାମ ନିକଟ ବିଲରେ ଗାମୁଛାକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଛି। ଏନେଇ ପାଟଣା ଥାନାରେ ୬/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସାହାରପଡ଼ା ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଶିବଶଙ୍କର ଅଲଦା କହିଛନ୍ତି।

### ଗ୍ରାମରକ୍ଷୀ ସଂଘ ପକ୍ଷରୁ ଗୃହମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର,୧୫।୩(ଡି.ଏନ୍.ଏ): ୫ ଦଫା ଦାବି ନେଇ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ରାଜ୍ୟ ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମରକ୍ଷୀମାନେ ଗ୍ରାମାଞ୍ଚଳର ବହୁ ତଥ୍ୟ ଅପରାଧ ମୂଳକ ଗୁପ୍ତ ଖବର ସ୍ଥାନୀୟ ଥାନାରେ ପ୍ରଦାନ କରିଥାନ୍ତି। କିନ୍ତୁ ସେମାନେ ବହୁ ଅବହେଳିତ ଅବସ୍ଥାରେ ରହୁଥିବା ପ୍ରକାଶ କରିଛନ୍ତି ସଂଘର ସଭାପତି କନିଷ୍କ ବୋଧିସତ୍ୱ ଦାସ। ଗ୍ରାମରକ୍ଷୀମାନଙ୍କୁ ରାଜ୍ୟ କର୍ମଚାରୀ ଭାବେ ଘୋଷଣା, ମୃତ ଗ୍ରାମରକ୍ଷୀଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି, ସ୍ୱାସ୍ଥ୍ୟ ବୀମା ରାଜ୍ୟ ସରକାର ଯୋଗାଇବାକୁ ସଂଘର ସଭାପତି ଦାସ, ଉପସଭାପତି ରସାନନ୍ଦ ଦାସମହାପାତ୍ର, ସମ୍ପାଦକ ପ୍ରତାପଚନ୍ଦ୍ର ରାଉତ, ସହସମ୍ପାଦକ ବଟକୃଷ୍ଣ ମଲ୍ଲିକ ଓ କୋଷାଧ୍ୟକ୍ଷ ପ୍ରଭାକର ଦାସ ପ୍ରମୁଖ ଦାବି କରିଛନ୍ତି।

### ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ସମ୍ମାନିତ



ଧାମନଗର, ୧୫।୩(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳୀ ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡା (୨୦)ଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି। ନିକଟରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଭଦ୍ରକ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ସେହିପରି ହୋପ୍ ଇଣ୍ଟରନ୍ୟାଶନାଲ ୱାର୍ଲ୍ଡ ରେକର୍ଡ ପକ୍ଷରୁ ଗ୍ଲୋବାଲ ଓମେନ ଆଇକନ ଆୱାର୍ଡ-୨୦୨୩, କଳା କୁଟୁମ୍ବ ଫାଉଣ୍ଡେଶନ, ଶାନ୍ତି ଫାଉଣ୍ଡେଶନ ଗୋଣ୍ଡା ଉତ୍ତରପ୍ରଦେଶ ପକ୍ଷରୁ ନାରୀ ଗୌରବ ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଥିଲା। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଚତୁର୍ଥୀ ପରଦିନ ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୧୫।୩ (ସ୍ୱ.ପ୍ର.): ବିବାହର ୫ ଦିନ ନବବିବାହିତ ଯୁବକଙ୍କ ଝୁଲନ୍ତା ମୃତଦେହ ଗାଁ ନିକଟସ୍ଥ ଏକ ଜଙ୍ଗଲରୁ ଜବତ ହୋଇଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ କାଳିମାଟି ଗାଁରେ। ମୃତ ଯୁବକ ଜଣଙ୍କ ହେଲେ ଦୁଧିଆନାଳୀ ସାହିର ନିର୍ମଳ ସାହୁ (୨୫)। ସୂଚନା ଅନୁଯାୟୀ, ନିର୍ମଳ ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଠାଗୋଳା ଗାଁର ବୁଧୁମତୀଙ୍କୁ ୧୧ ତାରିଖରେ ବିବାହ କରିଥିଲେ। ମଙ୍ଗଳବାର ସକାଳେ ନିର୍ମଳ ପିଆଜ ଖୋଳିବାକୁ ଯାଉଛି କହି ଯାଇ ଆଉ ଫେରି ନ ଥିଲେ। ପରିବାରବର୍ଗ ଖୋଜାଖୋଜି କର ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଇ ନ ଥିଲେ। ବୁଧବାର ସକାଳେ ଗ୍ରାମର କେତେକ ଲୋକ ଜଙ୍ଗଲକୁ ମହୁଲ ସଂଗ୍ରହ କରିବାକୁ ଯାଇଥିବା ବେଳେ ଗଛରେ ନିର୍ମଳଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ପରିବାରବର୍ଗ ହରିଚନ୍ଦନପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁରେଶ ମାଝୀ କହିଛନ୍ତି।

# ଜଳୁଛି ପୌରପାଳିକା ଡମ୍ପିଂୟାର୍ଡ

କେନ୍ଦୁଝର,୧୫।୩ (ସ୍ୱ.ପ୍ର.)

କେନ୍ଦୁଝର ସହରର ଜାତୀୟ ରାଜପଥ ୨୦ର ବାଇପାସ ରାସ୍ତାର ବାଂଶପାଳ ତହସିଲ ଅନ୍ତର୍ଗତ ତଳଚମ୍ପେଇ ପଞ୍ଚାୟତର ଭାଲିଆଡ଼ାଳ ଗ୍ରାମର ଖାତା ନଂ. ୧୧ ଏବଂ ପ୍ଲଟ ନମ୍ବର ୧୮୭ରେ ଥିବା ପୌରପାଳିକାର ଡମ୍ପିଂୟାର୍ଡ ଜଳୁଛି। ନିଆଁକୁ ଆୟତ୍ତ କରାଯାଇ ନ ଥିବାରୁ ଏହା ନିକଟସ୍ଥ ସିଦ୍ଧମଠ ଡିପିଏଫ ଜଙ୍ଗଲକୁ ବ୍ୟାପିବା ଆଶଙ୍କା ଦେଖାଦେଉଛି। ଉକ୍ତ ଗନ୍ଧ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଅସ୍ତବ୍ୟସ୍ତ ହୋଇ ପଡିଲେଣି। ଅଳିଆ ଆବର୍ଜନାରେ କିଏ ନିଆଁ ଲଗାଇଲା ତାହା ଜଣାପଡ଼ିନାହିଁ।

ପ୍ରକାଶ ଯେ, କେନ୍ଦୁଝରଗଡ ପୌରପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅଦ୍ୟାବଧି ଜାଗା ଚିହ୍ନଟ ହୋଇ ପାରିନାହିଁ।



ଆବର୍ଜନା ଗଦା ଜଳୁଛି।

ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆବଶ୍ୟକୀୟ ଜାଗା ନ ଥିବାରୁ ରାସ୍ତା କଡ଼ରେ କୁଢ଼କୁଢ଼ ଆବର୍ଜନା ପକାଯାଉଛି। ବର୍ଷା ହେଲେ ଆବର୍ଜନାରୁ ଦୂଷିତ ଜଳ ନିକଟସ୍ଥ ନାଳରେ ପ୍ରବାହିତ ହୋଇ ଜଳ ପ୍ରଦୂଷଣ କରୁଛି। ପୂର୍ବରୁ ମଧ୍ୟ ଜୁଡ଼ିଆଘାଟି ନିକଟରେ ପକାଯାଉଥିବା ମଇଳା ଆବର୍ଜନାରେ ବ୍ୟାପକ ବାୟୁ ପ୍ରଦୂଷଣ ହେବା ସହ

### ବିପଦରେ ସିଦ୍ଧମଠ ଡିପିଏଫ୍ ଜଙ୍ଗଲ

ନିଆଁଲାଗି ଜଙ୍ଗଲ କ୍ଷତି ହୋଇଥିଲା। ଏ ନେଇ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ମାନସ ମୁର୍ମୁଙ୍କ ସହ ଯୋଗଯୋଗ କରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଏଥିସହ ପୁରୁଣାବଜାର ବସ୍‌ଷାଣ୍ଡ ନିକଟରେ ଥିବା ଆବର୍ଜନା ପରିଚାଳନା କେନ୍ଦ୍ରରେ ମଧ୍ୟ ନିଆଁ ଲାଗିଯିବାରୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ନିଆଁକୁ ଆୟତ୍ତ କରିବା ପାଇଁ ଦମକଳ ବାହିନୀ ପହଞ୍ଚିଥିଲେ ହେଁ ରାତି ହୋଇଯାଇଥିବାରୁ ଲିଭାଇବା ସୁବିଧା ହେଉନାହିଁ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏହି କେନ୍ଦ୍ରରେ ନିଆଁ ଲାଗି ବହୁ ଆବର୍ଜନା ପୋଡ଼ି ପ୍ରଦୂଷଣ ସୃଷ୍ଟି କରିଥିଲା।

# ବିଦ୍ୟାଳୟରେ ତାଲାପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ସାରସକଣା,୧୫।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକସ୍ଥିତ ଗୋହଲାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ସମେତ ଅଭିଭାବକମାନେ ଧାରଣା ଦେଇଥିଲେ। ପୂର୍ବରୁ ବହୁବାର ଦାବି ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିବା ପରିଚାଳନା କମିଟି କହିଛି। ବିଦ୍ୟାଳୟ

### ଶିକ୍ଷକ ନିଯୁକ୍ତି ଦାବି

କମିଟିର ଅଧ୍ୟକ୍ଷ ଭଗିରଥ ପ୍ରହରାଜଙ୍କ କହିବା ମୁତାବକ, ବିଦ୍ୟାଳୟରେ ୮ ଶ୍ରେଣୀରେ ୧୧୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ ପାଇଁ ରହିଛନ୍ତି। ମାତ୍ର ବିଦ୍ୟାଳୟରେ ଗଣିତ, ବିଜ୍ଞାନ ଶିକ୍ଷୟିତ୍ରୀ ବା ଶିକ୍ଷକ ନାହାନ୍ତି। ଶିକ୍ଷାଲାଭ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବୁଧବାର ଦିନ ୧୦ଟା ସମୟରେ ତାଲା ପକାଇ ଥିବା କହିଛନ୍ତି। ତେବେ ଅପରାହ୍ନ ସମୟରେ ବିଇଓ ରାସମଣି ନାଏକ ପହଞ୍ଚି ବୁଝାସୁଝା କରିଥିଲେ। ଦାବି ମୁତାବକ କମଳ ଲୋଚନ ପାତ୍ରଙ୍କୁ ଗୋହଲାମୁଣ୍ଡା ବିଦ୍ୟାଳୟରେ ଶିକ୍ଷକଭାବେ ଦାୟିତ୍ୱ ନ୍ୟସ୍ତ କରାଯିବାର ଚିଠି ଦେବା ପରେ ସମସ୍ତେ ୪.୩୫ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ସହଯୋଗୀଙ୍କ ସହ ଅପରାଧୀ ଲିଟୁଆ କୋର୍ଟ ଚାଲାଣ

ବାହାନଗା, ୧୫।୩(ଡି.ଏନ.ଏ.)

ବାହାନଗା ବ୍ଲକ ଅଞ୍ଚଳରେ ଜେଲ ଫେରନ୍ତା ଲିଟୁଆ ଓରଫ୍ ଶଶିକାନ୍ତ ମଲିକ ଓ ତାଙ୍କ ସହଯୋଗୀ ଛୁଟା ଓରଫ୍ ଜୟନ୍ତ ମଲିକଙ୍କୁ ଖନ୍ତାପଡା ଥାନା ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ରବିବାର ବିଳମ୍ବିତ ରାତିରେ ପଣପଣା ପଞ୍ଚାୟତ ୧୨ନଂ. ୱାର୍ଡ ରଘୁନାଥପୁର ପଟଣା ଗ୍ରାମରେ ଥିବା ଏକ ନଳକୂପକୁ ଚୋରି କରି ନେଇ ପଳାଉଥିବା ବେଳେ ଲୋକେ ଲିଟୁଆଙ୍କୁ କାବୁ କରି ଖନ୍ତାପଡା ପୋଲିସ୍‌କୁ ହସ୍ତାନ୍ତର କରିଥିଲେ। ତାଙ୍କ ସହଯୋଗୀ ଛୁଟାଙ୍କୁ ମଧ୍ୟ ପୋଲିସ୍ ଅଟକ ରଖି ପଚରାଉଚରା କରିଥିଲା। କିଛି ଦିନ ତଳେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶି ସୁନାଗହଣା ଓ ପାଣି ମଟର ଚୋରି କରିଥିବା ବେଳେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ନଳକୂପକୁ ଚୋରି କରି ନେଇ ପଳାଉଥିବା ବେଳେ ଲୋକେ ଲିଟୁଆଙ୍କୁ ଧରାପଡ଼ିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୬୫/୨୩ ) ରୁଜୁ ହୋଇଛି। ତେବେ ଗତ ୧୪ତାରିଖ ଧରିତ୍ରୀରେ ଅନିଚ୍ଛାକୃତ ଭାବେ ଛୁଟା ଓରଫ ଜୟନ୍ତ ମଳିକ ବଦଳରେ ସେହି ଗ୍ରାମର ଜଟା ଓରଫ୍ ଦିଲ୍ଲୀପ୍ ଯେନା ବୋଲି ଖବର ପ୍ରକାଶିତ ହୋଇଥିଲା।

# ଗାଡ଼ି ଚେକିଂ ବେଳେ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭଦ୍ରକ ଅଫିସ,୧୫।୩

୧୬ନଂ.ଜାତୀୟ ରାଜପଥର ଭଦ୍ରକ ଗେଲପୁର ଇଲେକ୍ଟ୍ରି ଗ୍ରୀଡ୍ ନିକଟରେ ମଙ୍ଗଳବାର ଗ୍ରାମାଞ୍ଚଳ ଥାନା ପୋଲିସ ଯାନବାହନ ଯାଞ୍ଚ ବେଳେ ଜଣେ ଯୁବକଙ୍କଠାରୁ ବ୍ରାଉନସୁଗାର ଜବତ କରିଛି। ଉକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ବୁଧବାର ଗ୍ରାମାଞ୍ଚଳ ଥାନରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ଓଡ଼ଙ୍ଗ ପୁରୁଷୋତ୍ତମପୁରର ରାଜୁ ମାଝି।

ପୋଲିସ ଚେକିଂ ଦେଖି ରାଜୁ ଗାଡ଼ି ବୁଲାଇ ପଳାଇ ଯାଉଥିବା ବେଳେ ପୋଲିସ ତାଙ୍କୁ ପିଛା କରି ଧରିଥିଲା। ଚେକିଂ କରି ତାଙ୍କ ନିକଟରୁ ୧୫.୮ ଗ୍ରାମ୍ ବ୍ରାଉନସୁଗାର, କିଛି ଖାଲି ପ୍ୟାକେଟ ଓ ମୋବାଇଲ ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

କରାଯାଇଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ଏସ୍‌ଆଇ ରଶ୍ମିତା ମଲ୍ଲିକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୫୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ତେବେ ବ୍ରାଉନସୁଗାର କେଉଁଠୁ ଆସୁଛି ଓ କେଉଁଠି ବିକ୍ରି କରାଯାଉଛି ସେନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ କହିଛନ୍ତି।

### କୋଟ୍‌ପା ଚଢ଼ାଉ:୨୨ ଦୋକାନୀଙ୍କଠୁ ଜରିମାନା ଆଦାୟ

ଭଦ୍ରକ ଅଫିସ, ୧୫।୩

ଭଦ୍ରକ ରାଣୀତାଲ ବଜାରରେ ଜାତୀୟ ତମାଖୁ ନିଷେଧ ଆଇନର ଅବମାନନା ନେଇ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ନିଷେଧ ଥିବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ୧୨ ଦୋକାନୀଙ୍କଠାରୁ ୨୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟର ଏପିଡେମିଲୋଜିଷ୍ଟ ଡା. କାଶୀନାଥ ପଣ୍ଡା, ଅଣସଂକ୍ରାମକ ରୋଗ ସହକାରୀ ପରିଚାଳକ ଦୀପକ କୁମାର ରାଉତ, ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ଦିଲୀପ କୁମାର ସେଠୀ ପ୍ରମୁଖ ଚଢାଉରେ ସାମିଲ ଥିଲେ। ସେହିପରି ବୁଧବାର ଭଦ୍ରକ ବ୍ଲକ ସାବରଙ୍ଗ ବଜାରରେ ଚଢ଼ାଉ କରାଯାଇଛି। ୧୦ ଦୋକାନୀଙ୍କଠାରୁ ୧୯୦୦ ଟଙ୍କା ଜରିମାନା ଆଦାୟ ସହ ଜବତ ଦ୍ରବ୍ୟ ସବୁ ନଷ୍ଟ କରି ଦିଆଯାଇଛି। ଡା. ପଣ୍ଡା, ଅଣସଂକ୍ରାମକ ରୋଗର ସହକାରୀ ପରିଚାଳକ ରାଉତ, ସାବରଙ୍ଗ ଥାନାଧିକାରୀ ଅମିତ୍ କୁମାର ଭୂୟାଁ, ଏଏସ୍‌ଆଇ ଯତୀନ୍ଦ୍ର ନାଥ ସିଙ୍କୁ ଚଢ଼ାଉ କରିଥିଲେ। ଦୁଇଦିନରେ ୨୨ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# କାର୍‌ରେ ଗଞ୍ଜେଇ ଚାଲାଣ

### ତଥ୍ୟ ଲୁଚାଉଛି ଅବକାରୀ ବିଭାଗ

ଭଣ୍ଡାରିପୋଖରୀ,୧୫।୩(ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଜାତୀୟ ରାଜପଥର ଯଶୋଟିକିରିଠାରୁ ବୁଧବାର ଏକ ଗଞ୍ଜେଇ ବୋଝେଇ କାର୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, କାର୍‌ଟି ବ୍ୟାପକ ପରିମାଣରେ ଗଞ୍ଜେଇ ନେଇ କଟକ ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିଲା। ଏଥିରେ ବ୍ରହ୍ମପୁରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ କଟକ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଏହାର ପିଛା କରିଥିଲା। ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବା ବେଳେ କୌଶଳ କରି ସ୍ୱତନ୍ତ୍ର ଟିମ୍ ଛତାବର ଟୋଲ୍‌ଗେଟ ନିକଟରେ ଏହାକୁ ଧରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଧରାପଡ଼ିଯିବା ଭୟରେ ଚାଳକ ଟୋଲ୍‌ଗେଟ ପୂର୍ବରୁ ଗାଡ଼ିଟିକୁ ବୁଲାଇ ନେଇ ପୁଣି କଟକ ଆଡ଼କୁ ଯାଉଥିବା ବେଳେ ଯଶୋଟିକିରି ସ୍କୁଲ ଗଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡେରି ନ କରି ଗାଡ଼ି ପିଛା କରୁଥିବା ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ନୟନଯୋରୀକୁ ଗଡ଼ିଯାଇଥିବା କାର୍‌କୁ ଘେରି ଯାଇଥିଲେ। ଗାଡ଼ିରେ ଥିବା ତିନିଜଣଙ୍କ ମଧ୍ୟରୁ ଜଣେ ଖସି ପଳାଇଥିବା ବେଳେ ଦୁଇଜଣଙ୍କୁ ଟିମ୍ ଗିରଫ କରିଥିଲା। ଗାଡ଼ି ସହ ସେଥିରେ ଚାଲାଣ ହେଉଥିବା ପ୍ରାୟ ଦୁଇ କୁଇଣ୍ଟାଲ ଗଞ୍ଜେଇ ଉକ୍ତ ଟିମ୍ ଜବତ କରିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଅପରପକ୍ଷେ ଅବକାରୀ ବିଭାଗ ତଥ୍ୟ ଲୁଚାଉଛି। ସକାଳ ୮ଟା ବେଳେ ଘଟଣା ଘଟିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଠିକ୍ ତଥ୍ୟ ପାଇଁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବା ବେଳେ ବିଭାଗ ଘଟଣାକୁ ଗୋପନ ରଖିଛି। ଏପରିକି ଜଣେ ଅଧିକାରୀ ଫୋନ ଉଠାଇ ନ ଥିବାବେଳେ ଅନ୍ୟ ଜଣେ ତଥ୍ୟ ଦେବେ କହି ଫୋନ୍ ସୁଇଚ୍‌ଅଫ୍ କରିଦେଇଥିବା ଜଣାପଡ଼ିଛି।

# ଅଙ୍ଗନୱାଡି ସହାୟିକା ନିଯୁକ୍ତିରେ ଅନିୟମିତତା

ପଦ୍ମପୁର,୧୫।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ର ସହାୟିକା ନିଯୁକ୍ତିରେ ଅନିୟମିତତା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ମହିଳାମାନେ ମଙ୍ଗଳବାର ସଭା ପାଇଁ ଆସିଥିବା ଶିଶୁ ଓ ମହିଳା ବିକାଶ ଅଧିକାରୀଙ୍କୁ ଗ୍ରାମରେ ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ପାଇଥିବା

### ଶିଶୁ ଓ ମହିଳା ବିକାଶ ଅଧିକାରୀଙ୍କୁ ଅଟକ ରଖିଲେ ମହିଳା

ଜଣେ ମହିଳାଙ୍କୁ ଉପଜିଲାପାଳ ମନୋଜ ପାତ୍ର କିଛିଦିନ ତଳେ ବହିଷ୍କାର କରିଥିଲେ। ଏହାପରେ ମହିଳା ଜଣକ ଏହି ବହିଷ୍କାରକୁ ବିରୋଧ କରି ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଅପରପକ୍ଷେ ସହାୟିକା ନିଯୁକ୍ତି ପାଇଁ ସ୍ଥାନୀୟ ମହିଳାଙ୍କୁ ନେଇ ଶିଶୁ ଓ ମହିଳା ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ମଲ୍ଲିକ ମଙ୍ଗଳବାର ଅପରାହ୍ନରେ ସହାୟିକା ନିଯୁକ୍ତି ପ୍ରକ୍ରିୟା ପାଇଁ ଲକ୍ଷ୍ମୀପ୍ରସାଦଠାରେ ସଭା କରିଥିଲେ। ଏହି ସଭାକୁ ବିରୋଧ କରି ବହିଷ୍କୃତ ସହାୟିକା ଓ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଅଧିକାରୀଙ୍କୁ ଅଟକ ରଖିଥିଲେ। ବିଡିଓ ସତ୍ୟଜିତ ରାଉତ ଖବର ଦେବା ପରେ ନାୟକାଣିଡିହୀ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲା। ତେବେ ହାଇକୋର୍ଟରେ ବିଚାରାଧୀନ ଥିବାରୁ ସହାୟିକା ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରଖାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ପିଙ୍କି



@ସ୍ମିତା



@ରୋନକ୍



@ପ୍ରୀତି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୩ ଲକ୍ଷ ଲୁଟ୍

କେନ୍ଦୁଝର,୧୫।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅଫିସ ନିକଟରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଦୁର୍ବୃତ୍ତ ତିନି ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଧରପଗଡ ଆରମ୍ଭ କରିଛି। ବ୍ଲକ୍ ଅନ୍ତର୍ଗତ ଚଷାଟାଙ୍ଗିରୀର ଶିକ୍ଷକ ଗୋପବନ୍ଧୁ ବେଯ ଜାମୁଦା ସ୍କୁଲରୁ ନିକଟରେ ଅବସର ଗ୍ରହଣ କରିଥିଲେ। ବୁଧବାର ସେ ବ୍ୟାଙ୍କରୁ ଟଙ୍କା ଉଠାଇ ବାଇକରେ ଧରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟକୁ ଆସିଥିଲେ। ପରିସ୍ରା କରି ଫେରି ଦେଖିଲେ ଗାଡ଼ି ପଛରେ ଲଗାଇଥିବା ଟଙ୍କା ବ୍ୟାଗ ନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଏସ୍‌ଆଇ ସୁରେଶ ମାଝୀ କହିଛନ୍ତି।


## ରେଳ ଚକ କାରଖାନା

ୟେଲାହାଙ୍କା, ବେଙ୍ଗାଲୁରୁ - ୫୬୦ ୦୬୪
ୱେବ୍‌ସାଇଟ୍: www.rwf.indianrailways.gov.in
आज़ादी का अमृत महोत्सव

ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଡବ୍ଲୁଏଫ୍/ଏସ୍/୧୪୬/୨୦୨୨-୨୩/୧୦ ତାରିଖ: ୧୫।୦୩।୨୦୨୩

ଇ-ଟେଣ୍ଡର: ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ଆର୍‌ଡବ୍ଲ୍ୟୁଏଫ୍ ନିମ୍ନଲିଖିତ କାର୍ଯ୍ୟ ପାଇଁ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ସମ୍ପୃକ୍ତ କ୍ଷେତ୍ରରେ ଅଭିଜ୍ଞ/ପ୍ରତିଷ୍ଠିତ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍‌ରେ ବୈଦ୍ୟୁତିକ ଟେଣ୍ଡର ଆହ୍ୱାନ କରୁଛି।

| ଟେଣ୍ଡର ନଂ. | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୧୦୦୦_୨୦୨୩-୨୪ | ଆର୍‌ଡବ୍ଲ୍ୟୁଏଫ୍‌ଏସ୍‌ଟିପିଟି_ସିଡବ୍ଲ୍ୟୁଡି_୨୫୦୦_୨୦୨୩-୨୪ |
|---|---|---|
| ଧାର୍ଯ୍ୟ ତାରିଖ ଓ ସମୟ | ୧୭।୦୪।୨୦୨୩। ଟେଣ୍ଡର ସମାପ୍ତ ସମୟ: ୧୪.୧୫ ଘଟିକା | |
| କାର୍ଯ୍ୟର ପରିସର | ବିଭିନ୍ନ ରେଳ ୟୁନିଟ୍‌ରୁ ପରିତ୍ୟକ୍ତ ଚକ ଡିସ୍କଗୁଡ଼ିକୁ ରେଳ ଚକ କାରଖାନା, ୟେଲାହାଙ୍କା, ବେଙ୍ଗାଲୁରୁ-୫୬୦୦୬୪କୁ ସଡ଼କପଥରେ ପରିବହନ କରିବା। ରେଳପଥ ଦ୍ୱାରା ଲୋଡିଂ ଓ ଅନ୍‌ଲୋଡିଂ ମାଗଣାରେ କରାଯିବ। | |
| ଦୂରତା ସ୍ଲାବ୍ | ୫୦୦ରୁ ୧୦୦୦ କିମିରୁ ଉର୍ଦ୍ଧ୍ୱ | ୧୦୦୦ କିମିରୁ ଅଧିକ (୨୫୦୦ କିମିର ହାରାହାରି ଦୂରତା ସହିତ) |
| ପରିମାଣ | ୬,୦୦୦ ଏମ୍‌ଟି | ୨୬,୦୦୦ ଏମ୍‌ଟି |
| ଅଟକଳ ଟେଣ୍ଡର ମୂଲ୍ୟ | ଟ.୨,୩୦,୪୦,୦୦୦/- | ଟ.୧୬,୬୪,୦୦,୦୦୦/- |
| ଇଏମ୍‌ଡି ପରିମାଣ | ଟ.୨,୬୫,୨୦୦/- | ଟ.୯,୮୨,୦୦୦/- |
| ଠିକା ଅବଧି | କାର୍ଯ୍ୟ ଆରମ୍ଭ ହେବା ତାରିଖରୁ ୧୨ (ବାର) ମାସ। | |

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ



## OFFICE OF THE PANCHAYAT SAMITI, BHANJANAGAR (GANJAM)

E-Mail: ori-bhanjanagar@nic.in, Ph.: 06821-241085

TENDER CALL NOTICE No. 01/2022-23 & 02/2022-23 Dated 10.03.2023

INVITATION FOR COMPETITIVE BIDDING

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper Set (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Constuction of Dining & Multipurpose Hall at Darapangia Ashram School, Darapangia under Bhanjanagar Block | Rs.14,55,362/- | Rs.14,554/- | 6 (Six) Calendar Months | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |
| 2 | Construction of Day Care Sub-Centre cum Health & Wellness Centre at Dihapadhala under Bhanjanagar Block | Rs.34,47,122/- | Rs.34,471/- | 12 (Twelve Calendar Months) | Class - "C" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |

**Terms and Conditions:**

1. **Cost of Tender Paper:** The tender specification can be obtained from the office of the Block Development Officer, Bhanjanagar on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Bhanjanagar in any Nationalized Bank having its branch at Bhanjanagar on any working day from Dt.16.03.2023 to Dt.30.03.2023 for the above work.
2. **Sale of Tender Papers:** The tender documents will be sold **from Dt.16.03.2023 to Dt.30.03.2023** at Block Office, Bhanjanagar between 10.00 A.M. to 5.00 P.M. on working days only.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Registered Post/Speed Post** only, by directly sending it to the B.D.O., Bhanjanagar in his official postal address. The last date of receipt of tender papers is 30.03.2023 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. The details tender call notice and the bid documents will be available in the official website of Ganjam i.e. **www.ganjam.nic.in**.

**Sd./- Block Development Officer, Bhanjanagar**

## ବାଲି ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଖୁଣ୍ଟା ପୋଲିସ ମଙ୍ଗଳବାର ବେଆଇନ ବାଲି ବୋଝେଇ ଏକ ଟ୍ରକ୍‌କୁ ଜବତ କରିଛି। ସୋନ ନଦୀରୁ ବାଲି ନେଇ ଯାଉଥିବା ବେଳେ ଖୁଣ୍ଟା ବଜାରଠାରେ ପୋଲିସ ଉକ୍ତ ଟ୍ରକ୍‌କୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୬୭/୨୩) ରୁଜୁ ହୋଇଛି। ଟ୍ରକ୍ ଚାଳକ ଗୋଠପୁରା ଗ୍ରାମର ରୁହିୟା ହେମ୍ବ୍ରମ (୨୭)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।



## ସଂକ୍ଷେପରେ

### ଲାଞ୍ଚୁଆ କର୍ମଚାରୀ ବିଦା

ବାରିପଦା ଅଫିସ/ ରାଇରଙ୍ଗପୁର,୧୫ା୩(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଚ ନେଉଥିବା ଏକ ଭିଡିଓ ଭାଇରାଲ ଘଟଣାରେ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଡାକ୍ତରଖାନା ପକ୍ଷରୁ ଅଭିଯୋଗ ହେବା ପରେ ଠିକାସଂସ୍ଥା କର୍ତ୍ତୃପକ୍ଷ ସମ୍ପୃକ୍ତ କର୍ମଚାରୀ ଧନ୍ଦ କାରୁଆଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସୂଚନାଯୋଗ୍ୟ, ଏକ ମୃତଦେହ ବ୍ୟବଚ୍ଛେଦ ପାଇଁ ୮ଶହ ଟଙ୍କା ଲାଞ୍ଚ ମାଗୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ଭିଡିଓରେ ପ୍ରଥମେ ୮ଶହ ଓ ପରେ ୬ ଶହ ଟଙ୍କା ମୂଲଚାଲ ହୋଇ ଟଙ୍କା ନେବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇଲାଇ ହେଉଛି। ଏହାକୁ ନେଇ ଡାକ୍ତରଖାନାର ଏସ୍‌ଡିଏମଓ ଠିକା ସଂସ୍ଥାର କର୍ମଚାରୀଙ୍କୁ ଅବଗତ କରିବା ପରେ ସଂସ୍ଥା ପକ୍ଷରୁ ସମ୍ପୃକ୍ତ କର୍ମଚାରୀ କାରୁଆଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

### କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

ପାଟଣା,୧୫ା୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ବଡ଼ଜାମୁପଶି ଗ୍ରାମରେ ଜଣେ ଯୁବକ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଗ୍ରାମର ଭାବଗ୍ରାହୀ ମହାନ୍ତ(୪୨)। ସେ ମଙ୍ଗଳବାର ଅପରାହ୍ନରେ କୌଣସି କାରଣକୁ ନେଇ କୀଟନାଶକ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ସକାଳୁ ମୃତ୍ୟୁ ହୋଇଛି। ଏନେଇ ପାଟଣା ଥାନାରେ (ନଂ.୪/୨୩)ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ଖଇରା,୧୫ା୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ସୁଦର୍ଶନ ପୃଷ୍ଟି(୮୮)ଙ୍କ ବୁଧବାର ପରଲୋକ ଘଟିଛି। ସେ ୧ମାସଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ପ୍ରାକ୍ତନ ପ୍ରଧାପକ ବ୍ରଜମୋହନ ମିଶ୍ର, ଡା. ଶ୍ରୀକାନ୍ତ ମହାନ୍ତି, ଡୁଙ୍ଗୁରା ହାଇସ୍କୁଲ ପୁରାତନ ଛାତ୍ର ପରିଷଦ ସଭାପତି ମାୟାଧର ନାୟକ, ବିଶ୍ୱନାଥ ପୃଷ୍ଟିଙ୍କ ସମେତ ବହୁ ଶିଷ୍ୟ, ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପୃଷ୍ଟି ଡୁଙ୍ଗୁରା ଏମ୍‌ଇ ସ୍କୁଲରୁ ଶିକ୍ଷକ ଜୀବନ ଆରମ୍ଭ କରିଥିବା ବେଳେ ପରେ ଠାକୁରମୁଣ୍ଡା ଏବଂ ଶେଷରେ ବାଲେଶ୍ୱର କଲ୍ୟାଣପୁର ହାଇସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ।

### ସ୍କୁଟି ଡିକିରୁ ଜବତ ହେଲା ନକଲି ଜର୍ଦ୍ଦା

ଭଦ୍ରକ ଅଫିସ,୧୫ା୩-ଭଦ୍ରକ ପୁରୁଣାବଜାର ଥାନା ପୋଲିସ ମଙ୍ଗଳବାର ଏକ ସ୍କୁଟି ଡିକିରୁ ନକଲି ଜର୍ଦ୍ଦା ଜବତ କରିଛି। ଏଥିସହ ଏହାକୁ ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଭୂୟାଁବଲ୍ଲା ଗ୍ରାମର ଶେଖ୍ ଆଜାର ଅଲ୍ଲୀ। ସେ ସ୍କୁଟିରେ ନକଲି ଜର୍ଦ୍ଦା ନେଇ ଯାଉଥିବା ବେଳେ ଖବରପାଇ ପୋଲିସ ବାଙ୍କା ଦୁର୍ଗାମଣ୍ଡପ ନିକଟରେ ଅଟକାଇ ଗିରଫ କରିଥିଲା। ଏନେଇ ଥାନାରେ ମାମଲା(ନଂ.୭୬/୨୩) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ୧୨ ଗୋରୁ ଉଦ୍ଧାର, ୩ ଗିରଫ

ଗୋପବନ୍ଧୁ ନଗର ୧୫ା୩ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳରୁ ମଙ୍ଗଳବାର ୧୯ ନମ୍ବର ରାଜ୍ୟ ରାଜପଥରୁ ଏକ ପିକ୍‌ଅପ୍ ବୋଝେଇ ହୋଇଯାଉଥିବା ୧୨ ଗୋରୁ ପୋଲିସ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳ ମହାନ୍ତ (୨୨), ନିମାଇଁ ମହାନ୍ତ (୨୭) ଓ ସମିତ ମହାନ୍ତ (୨୦)। ସୂଚନା ଅନୁଯାୟୀ, ବାରିପଦା ଅଭିମୁଖେ ଓଡ଼ି ୧୧ ଭି ୫୨୧୬ ନମ୍ବର ବିଶିଷ୍ଟ ପିକ୍‌ଅପ୍ ଯୋଗେ ୧୨ ଗୋରୁଙ୍କୁ ନିଆଯାଉଥିଲା। ଖୁଣ୍ଟା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ କୌଣସି ସୂତ୍ରରୁ ଖବର ପାଇ ଡୁକୁରାଠାରେ ଚଢ଼ାଉ କରିଥିଲେ। ଗୋଚାଲଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିବା ସହ ଗାଡ଼ି ଜବତ କରିଥିଲେ। ସେଥିରୁ ଉଦ୍ଧାର ୧୨ ଗୋରୁଙ୍କୁ ବାଲେଶ୍ୱର ଗୋଶାଳାରେ ଛଡ଼ାଯାଇଛି। ଉକ୍ତ ଗୋ ଚାଲାଣ ଘଟଣାରେ (ନଂ.୬୮/୨୩)ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୁକୁଳା ଡ୍ରେନ୍

**କେନ୍ଦୁଝର,୧୫ା୩(ସ୍ୱ.ପ୍ର.)**



ମୁକୁଳ ଡ୍ରେନ୍ ଦେଇ ୨ଜଣ ମହିଳା ଯାଉଛନ୍ତି।

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୁଖ୍ୟ ଡ୍ରେନ ଦୀର୍ଘ ବର୍ଷ ହେଲା ଭାଙ୍ଗି ମୁକୁଳା ଅବସ୍ଥାରେ ରହିଛି। ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଥିଲେ ହେଁ ଏଥିପ୍ରତି କାହାରି ନଜର ପଡୁନାହିଁ। ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଥିବା ବେଳେ ଅନେକ ସମୟରେ ଡ୍ରେନ୍‌ରେ ପଡ଼ି ବହୁ ଲୋକ ଖଣ୍ଡିଆ ଖାବରା ହେଉଛନ୍ତି। ଅନେକ ସମୟରେ ଟ୍ରାଫିକ ସତ୍ତ୍ୱେ ଡ୍ରେନରୁ ତଳକୁ ଓହ୍ଲାଇ ରାସ୍ତାରେ ଚଳାଚଳ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ରହୁଛି ବୋଲି ବରିଷ୍ଠ ଖବରଦାତା ପ୍ରଦୀପ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ଜିଲାପାଳ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଫିସକୁ ଦୈନିକ ବହୁ ସଂଖ୍ୟାରେ ଲୋକେ ଆସିଥାନ୍ତି। ବିଶେଷ କରି ଅଭିଯୋଗ ଶୁଣାଣି ଦିନ ଶହରୁ ଊର୍ଦ୍ଧ୍ୱ ଲୋକ ଗାଁ ଗଣ୍ଡାରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥାନ୍ତି। ଜିଲାପାଳଙ୍କ ଅଫିସ ଆଗରେ ଟ୍ରାଫିକ ଛକ ଥିବାରୁ ସାଧାରଣତଃ ଏହି ଫୁଟ୍‌ପାଥରେ ଅଫିସ୍‌କୁ ଯିବା ଆସିବା କରିଥାନ୍ତି। ଟ୍ରାଫିକ ସିଗନାଲ ଅପେକ୍ଷାରେ ଗାଡ଼ି ଜମା ହୋଇ ରହୁଥିବା ସମୟରେ ଲୋକମାନେ

### ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଲୋକେ

ଡ୍ରେନ୍ ଉପରେ ଯିବାଆସିବା କରିଥାନ୍ତି। ଫୁଟ୍‌ପାଥ ଦେଇ କଟକ ବସ୍‌ଷ୍ଟାଣ୍ଡ ତଥା ଆଗକୁ ଅନ୍ୟାନ୍ୟ ଅଫିସକୁ ଯାଇଥାନ୍ତି। ସେହିପରି ଛକରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ, ବିକ୍ଷୋଭ, ରାଲି ଆଦି ଅନୁଷ୍ଠିତ ହେଲେ ଭିଡ଼ ଜମିଥାଏ। ବିଶେଷ କରି ମହିଳା ଓ ଶିଶୁମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଆନ୍ଦୋଳନ ସମୟରେ ପୋଲିସ ମଧ୍ୟ ବହୁ ସଂଖ୍ୟାରେ ଏହି ସ୍ଥାନରେ ଅସୁବିଧା ଭୋଗ କରେ। ଏଣୁ ଏହାର ତୁରନ୍ତ ମରାମତି କରିବାକୁ ଦାବି ହେଉଛି । ନଚେତ୍ କୌଣସି ବଡ଼ଧରଣର ଅଘଟଣ ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ସାମାଜିକ କର୍ମୀ ଦିଲୀପ ସାହୁ କହିଛନ୍ତି।

# ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ, ଯାତ୍ରୀ ହୀନସ୍ତା


ଡ୍ରାଇଭରମାନେ ବନ୍ତ ଛକ ନିକଟରେ ଆନ୍ଦୋଳନ କରୁଛନ୍ତି।

**ଭଦ୍ରକ ଅଫିସ/ଆରଡ଼ି/ବାସୁଦେବପୁର/ ଧାମନଗର/ଭଣ୍ଡାରିପୋଖରୀ, ୧୫ା୩ (ଡି.ଏନ.ଏ./ସ୍ୱ.ପ୍ର.)**

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ବୁଧବାର ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ଓ ବ୍ଲକ ସ୍ତରରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୧୦ ଦଫା ଦାବିରେ ଭଦ୍ରକ ସହରର ବନ୍ତ ଛକ ଓ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ଫଳରେ ବହୁସଂଖ୍ୟାର ଭାରିଯାନ ଅଟକି ରହିଥିବା ବେଳେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ହୀନସ୍ତା ହୋଇଛନ୍ତି। ସେହିପରି ସହରର ବାଇପାସ୍‌ଠାରେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରିଥିଲେ। ଯେଉଁ ଡ୍ରାଇଭରମାନେ ଆନ୍ଦୋଳନରେ ସାମିଲ ନ ହୋଇ ଗାଡ଼ି ଚଲାଇ ଆସୁଥିଲେ ସେମାନଙ୍କୁ ଗଜରାହାର ପିନ୍ଧାଇ ଆନ୍ଦୋଳନ ବିଷୟରେ ଅବଗତ କରାଉଥିବା ଦେଖାଯାଇଥିଲା। ଜିଲା ସଭାପତି ଦିଲୀପ ସାହୁ, ସମ୍ପାଦକ ସୁଶାନ୍ତ ଜେନା, ସଦର ବ୍ଲକ ସଭାପତି ରାହୁଲ ତେଜ, ସହସମ୍ପାଦକ ଉଗ୍ରେସନ ବାରିକ, କାଳିଆ ଦାସ, ଅଲ୍ ଓଡ଼ିଶା ଏକତା ମହାମଞ୍ଚର ଦୀପକ ନାୟକଙ୍କ ନେତୃତ୍ୱରେ ସକାଳ ୬ଟାରୁ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଆରଡ଼ି ଆଖଣ୍ଡଳମଣି ଡ୍ରାଇଭର ସଂଘର ସଦସ୍ୟମାନେ ମଠିହ ଛକରେ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଓ ୨୦ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସଭାପତି କରୁଣାକର ସାହୁ, ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ସଦସ୍ୟ ସୁଧାଂଶୁ ଶେଖର ପଡିହାରୀ, ଚୌଧୁରୀ ଭଞ୍ଜ, ତପନ ପଲାଇ, ମନ୍ମଥ ନାୟକ, ବାଇଧର ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ବାସୁଦେବପୁରରେ ୫ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଆନ୍ଦୋଳନରେ ସାମିଲ ହେବା ସହ ଏବି ହାଇସ୍କୁଲ ଛକଠାରେ ସକାଳଠାରୁ ଧାରଣାରେ ବସିଥିଲେ। ବାସୁଦେବପୁର ପୋଲିସ ମୁତୟନ ହୋଇଥିଲା। ଧାମନଗର ବିଜୁ ପଟ୍ଟନାୟକ ଛକ ସମେତ ଅସୁରାଳି, ଧୂଷୁରୀ ବଜାରଠାରେ ଡ୍ରାଇଭରମାନେ ରାସ୍ତା ଅବରୋଧ କରିଥିଲେ। ଘରୋଇ ଗାଡ଼ିକୁ ଛାଡ଼ି କମର୍ସିଆଲ ଗାଡ଼ିଗୁଡ଼ିକ ଯାତାୟାତ ବ୍ୟାହତ ହୋଇଥିବା ବେଳେ ରାସ୍ତାର ଉଭୟପାର୍ଶ୍ୱରେ ଅଟକି ରହିଥିଲା। ତେବେ ସ୍କୁଲ ବସ୍ ଏବଂ ଆମ୍ବୁଲାନ୍ସ ସମେତ ଅନ୍ୟ ଜରୁରିକାଳୀନ ସେବାରେ ନିୟୋଜିତ ଗାଡ଼ିକୁ ବାଦ୍ ଦିଆଯାଇଛି। ଡ୍ରାଇଭର ସଂଘର ଧାମନଗର ବ୍ଲକ ସଭାପତି ମୋହନ ବେହେରା, ସମ୍ପାଦକ ରଞ୍ଜନ ସାହୁ, ଏନ୍‌ଏସି ସଭାପତି ଏମ୍.ଡି. ଆଲାର ଖାଁ, ସମ୍ପାଦକ ସେକ୍ ସଲାଦ୍ଦିନ, ସେକ୍ ସତାର ଅଲ୍ଲୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଭଣ୍ଡାରିପୋଖରୀ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା। କିଛି ଘରୋଇ ବସ୍ ଓ ମାଲବାହୀ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ଡ୍ରାଇଭରମାନେ ସକାଳୁ ଆଖୁଆପଦାଠାରେ ଆନ୍ଦୋଳନ କରିଥିଲେ।

# କଥା ନ ମାନିବାରୁ ପ୍ରେମିକାଙ୍କୁ ଗୁଳି

- ୫ ଦିନ ଲୁଚାଇ ରଖିଥିଲେ
- ପ୍ରେମିକ ସମେତ ୩ ଗିରଫ
- ବନ୍ଧୁକ, ୩ ଅଫୁଟା ଗୁଳି, ମୋବାଇଲ ଜବତ

**ବିଶୋଇ,୧୫ା୩ (ଡି ଏନ. ଏ)**


ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରୁଛି।

ପ୍ରଥମେ ପ୍ରେମ, ପରେ ପ୍ରତାରଣା। କଥା ନ ମାନିବାରୁ ଜଣେ ଆଦିବାସୀ ଯୁବତୀଙ୍କୁ ଗୁଳି କରିଛନ୍ତି ପ୍ରେମିକ। ଏଭଳି ଏକ ଅଭାବନୀୟ ଘଟଣା ବିଶୋଇ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ପ୍ରେମିକ ଓ ବନ୍ଧୁକ ଯୋଗାଇଥିବା ଯୁବକଙ୍କ ସମେତ ଯୁବତୀଙ୍କୁ ଲୁଚାଇବାରେ ସହଯୋଗ କରିଥିବା ମହିଳାଙ୍କୁ ଗିରଫ କରିଛି ବିଶୋଇ ପୋଲିସ। ଗିରଫ ପ୍ରେମିକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଅଁଳାଡୁବା ଗ୍ରାମର ଅର୍ଜୁନ ପଣ୍ଡା(୨୯) ଓ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଯୁବକ କବାଲି ଥାନାର ହଳଦୀପୋଖରୀ ଅଞ୍ଚଳର ଏସ.କେ. ନାକିମ ଖାନ(୩୨) ଓ ବିଶୋଇ ଥାନା ଅଞ୍ଚଳର ଜଣେ ମହିଳା।

ସୂଚନାଥାଉକି, ଦୀର୍ଘ ୩ ବର୍ଷ ଧରି ବିଶୋଇ ଥାନା ଅଞ୍ଚଳର ଜଣେ ଆଦିବାସୀ ଯୁବତୀଙ୍କ ସହିତ ଅଁଳାଡୁବା ଗ୍ରାମର ଅର୍ଜୁନଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ବର୍ଷ ଅର୍ଜୁନ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହ ପରେ ମଧ୍ୟ ଅର୍ଜୁନ ଆଦିବାସୀ ଯୁବତୀଙ୍କ ସହ ସମ୍ପର୍କ ସ୍ଥାପନ ପାଇଁ ବାଧ କରୁଥିଲେ। ଯୁବତୀ ସମ୍ପର୍କ ରଖିବାକୁ ମନା କରୁଥିବାରୁ ପ୍ରତିଶୋଧ ପରାୟଣ ହୋଇ ଅର୍ଜୁନ ଗତ ଗୁରୁବାର ଯୁବତୀଙ୍କୁ ଏକ ମାକ୍ସିମ ଭ୍ୟାନରେ ବିଶୋଇରୁ ଅପହରଣ କରି ରାଇରଙ୍ଗପୁରସ୍ଥିତ ଏକ ନଦୀ କୂଳକୁ ନେଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଅର୍ଜୁନ ଯୁବତୀଙ୍କ ଜଙ୍ଘକୁ ଗୁଳି କରିଥିଲେ। ପୋଲିସ ଭୟରେ ଯୁବତୀଙ୍କୁ କ୍ଷତାକ୍ତ ଅବସ୍ଥାରେ ବଡ଼ଝରଣସ୍ଥିତ କାଳିକାଗ୍ରାମରେ ଲୁଚାଇ ରଖିଥିଲେ। ପରେ ଶୁକ୍ରବାର ବିଶୋଇ ଥାନା ଅଞ୍ଚଳର ଏକ ଭଡ଼ା ଘରକୁ ଆଣିଥିଲେ। ସୋମବାର ସନ୍ଧ୍ୟାରେ କୌଶଳ କ୍ରମେ ଯୁବତୀ ମୋବାଇଲ ଯୋଗେ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆସିବା ଜାଣି ଅର୍ଜୁନ ଯୁବତୀଙ୍କୁ ନେଇ ଖସି ପଳାଉଥିଲେ। ବିଶୋଇ ଥାନା ଅଧିକାରିଣୀ ମିନି ଭୋଇଙ୍କ ନେତୃତ୍ୱରେ ଟିମ୍ ଯୁବକଙ୍କ ପିଛା କରିଥିଲା। ଯୁବକ ରାଇରଙ୍ଗପୁର ନିକଟସ୍ଥ ଭୋରଣ୍ଡିଆସ୍ଥିତ ରାସ୍ତାକଡ଼ରେ ଯୁବତୀଙ୍କୁ ଛାଡ଼ି ଚମ୍ପଟ ମାରିଥିଲେ। ପୋଲିସ ଯୁବତୀଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲା। ବିଳମ୍ବିତ ରାତିରେ ଅଭିଯୁକ୍ତଙ୍କୁ ନିଜ ଘରୁ ଗିରଫ କରିଥିଲା। ପଚରାଉଚରା ପରେ ବନ୍ଧୁକ ବିକିଥିବା ଯୁବକ ଏସ.କେ. ନାକିମଙ୍କୁ ଗୋରୁମହିଷାଣି ଅଞ୍ଚଳରୁ ଗିରଫ କରିବା ସହିତ ଯୁବତୀଙ୍କୁ ଲୁଚାଇ ରଖିବାରେ ସହଯୋଗ କରିଥିବା ମହିଳାଙ୍କୁ ପୋଲିସ ବୁଧବାର ଗିରଫ କରିଥିଲା। ଅପହରଣରେ ବ୍ୟବହୃତ ଭ୍ୟାନ, ବାଇକ, ବନ୍ଧୁକ, ଖୋକା, ୩ ଅଫୁଟା ଗୁଳି ଓ ୪ ମୋବାଇଲ ଜବତ ହୋଇଛି। ବିଶୋଇ ଥାନାରେ (ନଂ. ୫୬/୨୩) ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଟଙ୍କା, ସୁନା ଜବତ: ଜଣେ ଗିରଫ

**ନୀଳଗିରି,୧୫ା୩(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ପୋଲିସ ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୦ ହଜାର ଟଙ୍କା, ଦୁଇଟି ସୁନା ମୁଦି, ଦୁଇଟି ଭାନିଟି ବ୍ୟାଗ, ଏକ ସୁନା ମେଡାଲ, ଗୋଟିଏ ଲୁହା ରଡ଼, କଟର ଏବଂ ଗୋଟିଏ ସ୍କ୍ରାଇଭର ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ଜଗତସିଂହପୁର ଜିଲା ନାଉଗାଁ ଥାନା ଗଜରାଜପୁର ଅଞ୍ଚଳର। ସେ ନୀଳଗିରି ନିକଟ ପୋଡ଼ାଶୁଳ ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ।

ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୨୪ ତାରିଖରେ ନୀଳଗିରି ଘାଟଘରସାହି ଗ୍ରାମର ମନୋରଞ୍ଜନ ବେହେରା ଓ ତାଙ୍କର ପରିବାର ଲୋକେ ଭୁବନେଶ୍ୱରକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ସେହି ରାତିରେ କେହି ଦୁର୍ବୃତ୍ତ ପାଚେରି ଡେଇଁ ତାଲା ଭାଙ୍ଗି ଘରେ ପଶି ଟଙ୍କା, ସୁନା ଗହଣା ଲୁଟି ନେଇଥିଲେ। ଏନେଇ ଗୃହ ମାଲିକଙ୍କ ଅଭିଯୋଗକୁ ଭିତ୍ତି କରି ନୀଳଗିରି ପୋଲିସ ଏକ ମାମଲା(ନଂ.୭୦/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି।

## ଗଡ଼ିଲାନି ବସ୍, ଲୋକେ ହଇରାଣ


ଖୁଣ୍ଟାଠାରେ ଧାରଣାରେ ଡ୍ରାଇଭର ସଂଘର କର୍ମକର୍ତ୍ତା।

**ବାରିପଦା ଅଫିସ/ଉଦଳା/ଖୁଣ୍ଟା/ ମୋରଡ଼ା/କରଞ୍ଜିଆ,୧୫ା୩(ଡି.ଏନ.ଏ)**

ଡ୍ରାଇଭର ମହାସଂଘ ପକ୍ଷରୁ ବୁଧବାର ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ୧୦ଦଫା ଦାବିରେ ଡ୍ରାଇଭରମାନଙ୍କ ଧର୍ମଘଟ ପ୍ରଭାବରେ ବୁଧବାର ମୟୂରଭଞ୍ଜ ଜିଲାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସକାଳୁ ସଂଘର କର୍ମକର୍ତ୍ତାମାନେ ବାରିପଦା ଉପକଣ୍ଠ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥର ପାଲବଣି ରାସ୍ତାପାର୍ଶ୍ୱରେ ବ୍ୟାନର ଓ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପାଇଁ ସହରରେ ଭାରିଯାନ, ଘରୋଇ ବସ୍, ଟ୍ରକ୍ ଓ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା। ରିପୋର୍ଟ ଲେଖାହେବା ସୁଦ୍ଧା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଧର୍ମଘଟର ପ୍ରଭାବ କପ୍ତିପଦା ଉପଖଣ୍ଡ ଉଦଳାରେ ମଧ୍ୟ ପ୍ରତିଫଳିତ ହୋଇଛି। କପ୍ତିପଦା ଉପଖଣ୍ଡରେ ଡ୍ରାଇଭରମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ଉଦଳା ବ୍ଲକ୍‌ର ଡ୍ରାଇଭରମାନେ ରାସ୍ତାରେ ଧାରଣାରେ ବସିବା ସହିତ ଯାଉଥିବା ଚାରି ଚକିଆଯାନର ତନଖି କରିଥିଲେ। ଖୁଣ୍ଟା ଓ ଗୋପବନ୍ଧୁ ନଗର ଡ୍ରାଇଭର ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରାଯାଇଛି। ଉଭୟ ବ୍ଲକରୁ ସଂଘ ସହ ଜଡ଼ିତ ୫ ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଏଥିରେ ସାମିଲ ଥିଲେ। ଖୁଣ୍ଟା ବ୍ଲକ ଡ୍ରାଇଭର ସଂଘ ସଭାପତି ଡାକ୍ତର ବଗାଲଙ୍କ ନେତୃତ୍ୱରେ ଉଦଳା-ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥର ପୁରୁଣାପାଣି ଛକ ଏବଂ ଗୋପବନ୍ଧୁ ନଗର ବ୍ଲକ ସଂଘ ସଭାପତି କ୍ଷୀତିଶ ଚନ୍ଦ୍ର ନାଏକ ଓ ଉପସଭାପତି ରଶ୍ମୀ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଖୁଣ୍ଟା କଲେଜ ଛକଠାରେ ଧାରଣା ଦିଆଯାଇଥିଲା। ବିକ୍ଷୋଭ ବେଳେ କେତେକ ଜରୁରିକାଳୀନ ସେବା ପ୍ରଦାନକାରୀ ଯାନ ଓ ପରୀକ୍ଷାର୍ଥୀମାନଙ୍କ ଗାଡ଼ିକୁ ଛାଡ଼ି ଦିଆଯାଇଥିଲା। ସଂଘ ସହ ଜଡ଼ିତ ନ ଥିବା କେତେକ ହଳଦିଆ ନମ୍ବର ପ୍ଲେଟ ବିଶିଷ୍ଟ ଯାନଗୁଡ଼ିକର ଡ୍ରାଇଭରମାନେ କାର୍ଯ୍ୟରତ ଥିବାବେଳେ ବିକ୍ଷୋଭକାରୀମାନେ ସେମାନଙ୍କୁ ଫୁଲମାଳ ଦେଇ ନିଜର ଦାବି ସମ୍ପର୍କରେ ଚେତାବନୀ ଦେଇଥିଲେ। ଆନ୍ଦୋଳନ ଯୋଗୁ ଯାତ୍ରୀବାହୀ ବସ୍ ଓ ବ୍ୟବସାୟିକ ଯାନ ଚଳାଚଳ ବନ୍ଦ ହୋଇଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ମୋରଡ଼ା ବ୍ଲକ ସଂଘର ଶତାଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ରାଜପଥ ଉପରେ ଧାରଣାରେ ବସିଥିଲେ। ଏସ୍.କେ. ଆନାତୁଲା, ହରିପଦ ମହାନ୍ତ, ବିଶ୍ୱେଶ୍ୱର ମହାନ୍ତ, ଅର୍ଜୁନ ହାଁସଦା ପ୍ରମୁଖଙ୍କ ନେତୃତ୍ୱରେ ଚିତ୍ରଡ଼ାର ଶୀର୍ଷାପାଳ ଛକଠାରେ ଧାରଣା ଦିଆଯାଇଥିଲା। କରଞ୍ଜିଆ ବ୍ଲକର କେରକେରା, ବଳା ଛକ ଓ କଦାଡ଼ିହା ଛକଠାରେ ସଂଘ ପକ୍ଷରୁ ରାସ୍ତା ଉପରେ ଧାରଣା ଦିଆଯାଇଥିଲା। କୌଣସି ଗାଡ଼ି ଚଳାଚଳ କରିବାକୁ ଦେଇ ନ ଥିଲେ। ବିଶେଷକରି ମାଟ୍ରିକ ପରୀକ୍ଷାର୍ଥୀ ହଇରାଣ ହୋଇଛନ୍ତି। ସୁଶୀଲ କୁମାର ବେହେରା, ଲମ୍ବୋଦର ମହାନ୍ତ, ସଞ୍ଜୟ କୁମାର ହେମ୍ବ୍ରମ, ପଞ୍ଚାବୀ ମହାନ୍ତ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ।

**ଯୋଡ଼ା ସହରରେ ହାତୀ ଉପଦ୍ରବ**

# ପାଚେରି, ଘର ଭାଙ୍ଗିଲେ

ଯୋଡ଼ା,୧୫ା୩(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୱାର୍ଡ ନଂ. ୬ ରମଜାନ ହଟିଂ ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ୧୦ ଟିକିଆ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ପାଚେରି, ଘର ଭାଙ୍ଗିବା ସହ ଅଞ୍ଚଳରେ ବୁଲୁଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି। ହାତୀପଲ ରାମଚନ୍ଦ୍ର ପିଙ୍ଗୁଆଙ୍କ ଗୋଟିଏ ଘର ଭାଙ୍ଗିବା ସହିତ ରେଳ ଧାରଣା ନିକଟରେ ଥିବା ଟାଟା ଷ୍ଟିଲର ପାଚେରି ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଚେରି ଭାଙ୍ଗିଦେଇଛନ୍ତି। ତେବେ ଘର ଭାଙ୍ଗିବା ସମୟରେ



ରାମଚନ୍ଦ୍ର ନିଜର ଦୁଇ ପୁଅ ଓ ତିନି ଝିଅଙ୍କ ସହ ବାହାରକୁ ପଳାଇ ଜୀବନ ବଞ୍ଚାଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଲୋକଙ୍କ ସହାୟତାରେ ହାତୀପଲଙ୍କୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲା। ପଲରେ ମୋଟ ୨୪ ଟି ହାତୀ ଝରଣ ଓ ଆଖପାଖ ଅଞ୍ଚଳରେ ବେଶ କିଛିଦିନ ଧରି ରହୁଥିବା ବେଳେ, ଗତ ରାତିରେ ତତୁଆଁ ଦେଇ ରେଳ ଧାରଣା ପାରକରି ଯୋଡ଼ା ପୌରାଞ୍ଚଳ ଭିତରକୁ ପ୍ରବେଶ କରିଥିଲେ। ହାତୀପଲ ନିକଟସ୍ଥ ଚମ୍ପୁଆ ରେଞ୍ଜ, ଝରଣ ଜଙ୍ଗଲରେ ଥିବା ବନ ବିଭାଗ ସୂଚନା ଦେଇଛି। ବନ ବିଭାଗ କ୍ଷତିପୂରଣ ପ୍ରଦାନ କରିବାକୁ ରାମଚନ୍ଦ୍ର ପିଙ୍ଗୁଆ ଦାବି କରିଛନ୍ତି।

# ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

**ବାଲେଶ୍ୱର ଅଫିସ,୧୫ା୩**



ବୈଠକରେ ମଞ୍ଚାସୀନ କ୍ରିୟାନୁଷ୍ଠାନ ସମିତିର କାର୍ଯ୍ୟକର୍ତ୍ତା।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆଗାଁ ଜଗନ୍ନାଥ ମନ୍ଦିର ପରିସରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ରେମୁଣା ଆଞ୍ଚଳିକ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ଦାବି ଉତ୍‌ଥାପନ କରାଯାଇଥିଲା।

କୃଷିବିତ୍ ହରନାରାୟଣ ମଡୁଆଳ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ କମିଟିର ଆବାହକ ହରିହର ପରିଡ଼ା ବାହାନଗା, ରେମୁଣା, ନୀଳଗିରି ଓ ସଦର ବ୍ଲକ୍‌ରୁ ତଥା ଜିଲା କମିଟିର ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲା କମିଟିର ଆବାହକ ଡା. କେଶବ ଚରଣ ପଣ୍ଡା ଗତ ଏକ ବର୍ଷଧରି ଉତ୍ତର ଓଡ଼ିଶାର କେନ୍ଦ୍ରସ୍ଥଳ ବାଲେଶ୍ୱରରେ କୃଷି ଓ କୃଷକମାନଙ୍କ ସ୍ୱାର୍ଥ ପାଇଁ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଭିନ୍ନ ସ୍ତରରେ ହୋଇଥିବା ଉଦ୍ୟମ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଜିଲାବ୍ୟାପୀ ସଂଗଠନ ଓ ଦାବିର ଯଥାର୍ଥତା ଉପରେ ଗୁରୁତ୍ୱ ଦେଇଥିଲେ। ରେମୁଣା ବ୍ଲକ୍ କମିଟି ପକ୍ଷରୁ ସତ୍ୟନାରାୟଣ ମିଶ୍ର, ସଦରରୁ ପ୍ରଶାନ୍ତ ପରିଡ଼ା, ବାହାନଗାରୁ ମୁକ୍ତିକାନ୍ତ ପାଣିଗ୍ରାହୀ ଓ ନୀଳଗିରିରୁ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ସେମାନଙ୍କ ବ୍ଲକ୍ କମିଟି ଗଠନ ପାଇଁ ଦାୟିତ୍ୱ ନେଇଛନ୍ତି। ଆସନ୍ତା ୨୬ ତାରିଖରେ ଜିଲାସ୍ତରୀୟ ସାଧାରଣ ସଭା ଓ ବାର୍ଷିକ ସମ୍ମିଳନୀରେ ସେମାନଙ୍କ ବ୍ଲକ୍ ପ୍ରତିନିଧି ଯୋଗଦେବାକୁ ସହମତି ପ୍ରକାଶ କରିଥିଲେ। ବୈଠକରେ ରାମଚନ୍ଦ୍ର ସାହୁ, ଅଭୟ ଚନ୍ଦ୍ର ମିଶ୍ର, ପ୍ରବୋଧ କୁମାର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ବଂଶୀଧର ପରିଡ଼ା, ଗଙ୍ଗାଧର ବେହେରା, ଜୟନ୍ତ ପଟ୍ଟନାୟକ, ବିଜୟ କୁମାର ଜେନା, ପ୍ରଶାନ୍ତ ମହାଲିକ, ସୁଶାନ୍ତ ରଥ, ସତ୍ୟବ୍ରତ ମିଶ୍ର, ପ୍ରବୀର ଗିରି, ଶ୍ରୀକାନ୍ତ ବେହେରା, ପୀତାମ୍ବର ମାଝୀ, ରବି କୁମାର ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ଦାସ, ଦେବାଶିଷ ମହାପାତ୍ର, ସୁରେନ୍ଦ୍ର ପଣ୍ଡା ଓ ଜୟନ୍ତ ବିଷ୍ଣାଣୀ ପ୍ରମୁଖ ଆଲୋଚନାର ଅଂଶଗ୍ରହଣ କରିଥିଲେ। ମନୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

କେନ୍ଦୁଝର,୧୫।୩ (ଡି.ଏନ୍.ଏ.): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ନିଷ୍ପତ୍ତିକ୍ରମେ କେନ୍ଦୁଝର ଜିଲା ଶାଖା ପକ୍ଷରୁ ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ପୂର୍ବ ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ, ଚୁକ୍ତିଭିତ୍ତିକ ଦିନମଜୁରିଆ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା, ଖାଲି ପଡ଼ିଥିବା ପଦବୀ ପୂରଣ, ଘରୋଇକରଣ ବନ୍ଦ, ଅଷ୍ଟମ ବେତନ କମିଶନ ଗଠନ, ୨୦୨୦ ଜାନୁୟାରୀରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ ବକେୟା ୧୮ ମାସର ମହଙ୍ଗା ଭତ୍ତା ତୁରନ୍ତ ପ୍ରଦାନ, ଅନୁକମ୍ପାମୂଳକ ନିଯୁକ୍ତି ଉପରେ ଲଗାଯାଇଥିବା ପ୍ରତିବନ୍ଧକକୁ ପ୍ରତ୍ୟାହାର ଓ ଟ୍ରେଡ୍ ୟୁନିୟନ କ୍ଷମତାର ସୁରକ୍ଷା ପାଇଁ ସମିତି ପକ୍ଷରୁ ଦାବି ହୋଇଛି। ସଭାପତି ହରେକୃଷ୍ଣ ବେଜ, ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ, କାର୍ଯ୍ୟାଳୟ ସମ୍ପାଦକ ପବିତ୍ର ପାତ୍ର, କୋଷାଧକ୍ଷ ରାମଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସୀତା ଭୋଳ, ମାଧବାନନ୍ଦ ନାୟକ, ଉପଦେଷ୍ଟା ନୀଳମଣି ପାଣିଗ୍ରାହୀ, ବିନୋଦ ବିହାରୀ ବଳଙ୍କ ସହ ଜିଲାର ବିଭିନ୍ନ ବିଭାଗର ବହୁ କର୍ମଚାରୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### 'ଜ୍ଞାନ ଦାନ ଆତ୍ମପୂଜନର ଉପାୟ'

ବାରିପଦା ଅଫିସ,୧୫।୩-ମୟୂରଭଞ୍ଜ ଜିଲା ବାରିପଦା ମଧୁବନସ୍ଥିତ ମା' ଭୈରବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଭିନବ ଆତ୍ମପୂଜନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମପରାୟଣ ରଘୁନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଶିଶୁ ସାହିତ୍ୟିକ ଡ.ବିଜୟ କୁମାର ଅଗ୍ରୱାଲ ଓ ଖବରଦାତା ସଞ୍ଜୟ କୁମାର ଚୌଧୁରୀ ଯୋଗଦେଇ ଆମ ନାଆରେ ଆମେ ନାଉରୀ ହେବାକୁ ଆତ୍ମପୂଜନର ଆବଶ୍ୟକତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟସ୍ତରୀୟ ମାନବଧର୍ମର ଅଧିବକ୍ତା ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଉପସ୍ଥିତ ରହି ଅନ୍ୟର ଅଜ୍ଞତା ଦୂର କରିବା ପାଇଁ ଜ୍ଞାନ ଦାନ ଆତ୍ମପୂଜନର ଉପାୟ ବୋଲି ଦୃଷ୍ଟାନ୍ତ ଦେଇଥିଲେ। ଟ୍ରଷ୍ଟର ଆବାହକ ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳନା ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଦୀପକ କୁମାର ଦାଶ, ବାସନ୍ତୀ ଦାସ, ଅଜିତ କୁମାର ମହାପାତ୍ର, ଖଗେଶ୍ୱର ଦାସ, ପ୍ରଦୀପ ପାଲ, ଅଶ୍ୱିନୀ କୁମାର ପାତ୍ର, ନନିଗୋପାଲ ମହାନ୍ତ, ଭବେନ୍ଦ୍ର ନାଥ ପ୍ରଧାନ, ସୁବୋଧ କୁମାର ପଲେଇ, ସରୋଜ କୁମାର ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ।

### 'ଯୁଗେ ଯୁଗେ ନାରୀ ବନ୍ଦନୀୟ'

ଭଦ୍ରକ ଅଫିସ, ୧୫।୩-ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାନେତ୍ରୀ କଳ୍ପନା ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ କେନ୍ଦ୍ରାପଡ଼ା ତୁଳସୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଶୈଳବାଳା ସେନାପତି, ମୁଖ୍ୟଅତିଥି ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ହବିବ, ମୁଖ୍ୟବକ୍ତା ଡା. ଭାଗ୍ୟଶ୍ରୀ ପଣ୍ଡା ଓ ଅନ୍ୟତମ ଅତିଥି ଭାବେ ଇପ୍‌ସିତା ଜେନା ଯୋଗ ଦେଇଥିଲେ। ଯୁଗେ ଯୁଗେ ନାରୀମାନେ ବନ୍ଦନୀୟ। ସେମାନଙ୍କ ମଧରେ ନେତୃତ୍ୱ ନେବାର ଗୁଣ ଅନ୍ତର୍ନିହିତ ଥାଏ ବୋଲି ଅତିଥିମାନେ କହିଥିଲେ। ଉପଦେଷ୍ଟା ଦୀପାଳି ମିଶ୍ର ସ୍ୱାଗତ ଭାଷଣ, ଆବାହକ ରେଣୁବାଳା ଖିଲାର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରଥମ ଅଧିବେଶନରେ ଉପଦେଷ୍ଟା ଜାନକୀ ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ରାଧାରାଣୀ ମହାପାତ୍ର, ଦୀପ୍ତିମୟୀ ସାହୁ, ସଂଯୋଜିକା ଭାବେ ଉପସଭାନେତ୍ରୀ ଚୈତାଳି ଖିଲାର ଓ ମନୋରମା ରାୟ ଯୋଗ ଦେଇଥିଲେ। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ନାରୀ ପ୍ରତିଭାମାନଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଖବରଦାତା ରବି ନାରାୟଣ ଖିଲାର, ଅଧାପକ ନିହାର ରଞ୍ଜନ କର ଓ ଚିତ୍ରଶିଳ୍ପୀ ପ୍ରଭାତ ଜେନା କାର୍ଯ୍ୟକ୍ରମରେ ମାର୍ଗଦର୍ଶନ କରିଥିଲେ।

# ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କରରେ ଯୋଗାଯିବ ପିଇବାପାଣି

## ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ବୈଠକ

ବାରିପଦା ଅଫିସ,୧୫।୩

ଚଳିତ ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଅଧକ୍ଷ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ପ୍ରଭାବିତ ନ ହେବା ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଶ୍ରମ, ପରିବହନ, ପ୍ରାଣୀ ସମ୍ପଦ ଓ କୃଷି କ୍ଷେତ୍ରରେ ଆବଶ୍ୟକ ସତର୍କତା ଅବଲମ୍ବନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶୁଘାତକୁ ଦୃଷ୍ଟିରେ ରଖି ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ଓଆର୍‌ଏସ୍ ଗଚ୍ଛିତ ରଖିବା ଓ ଅଂଶୁଘାତ ପ୍ରକୋଷ୍ଠକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସହ ଜିଲା ନିୟନ୍ତ୍ରଣ କକ୍ଷ, ଜିଲା



ବୈଠକରେ ଜିଲାପାଳଙ୍କ ସହ ଅଧିକାରୀମାନେ।

ପରିଷଦ, ବ୍ଲକ, ତହସିଲ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ୨୪ ଘଣ୍ଟା ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଛି।

ସେହିପରି ଗ୍ରାମାଞ୍ଚଳଗୁଡ଼ିକରେ ଥିବା ନଳକୂପଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ ସହ ପାଇପ୍ ଜଳଯୋଗାଣ ତଦାରଖ କରିବାକୁ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପିଇବା ପାଣି ଯୋଗାଇବାକୁ ବୈଠକରେ ସ୍ଥିର ହୋଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ କରିବାକୁ ବାରଣ କରାଯାଇଛି। ଯାତ୍ରୀବାହୀ ବସ୍‌ଗୁଡିକରେ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ଏବଂ ଆଶୁ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବାକୁ ମାଲିକମାନଙ୍କୁ ପରାମର୍ଶ ଦିଆଯାଇଛି। ଖୋଲା ଗାଡ଼ିରେ ଯାତ୍ରୀ ପରିବହନ ଏବଂ ଓଭରଲୋଡିଂ ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜନଗହଳି ସ୍ଥାନରେ ଜଳଛତ୍ର ଖୋଲିବା, ଆକସ୍ମିକ ଅଗ୍ନିକାଣ୍ଡକୁ ପ୍ରତିରୋଧ କରିବା ଦିଗରେ ସମସ୍ତ ଆନୁସଙ୍ଗିକ ଉପକରଣ ପ୍ରସ୍ତୁତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୃହପାଳିତ ପ୍ରାଣୀମାନଙ୍କୁ ଖରାରେ ନ ଛାଡ଼ିବା, ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଘର ଛାତ ଉପରେ ପିଇବା ପାଣି ବ୍ୟବସ୍ଥା ଲାଗି ପରାମର୍ଶ ଦିଆଯାଇଛି। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ପିଡି ଡିଆର୍‌ଡିଏ ଦୌଲତ ଚନ୍ଦ୍ରକାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର, ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ଭାରପ୍ରାପ୍ତ ଜିଲା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# ବିକ୍ଷୋଭରେ ସାମିଲ ହେଲେ ଶତାଧିକ ଡ୍ରାଇଭର



ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଅଟକି ଥିବା ବସ୍।

ବାଲେଶ୍ୱର ଅଫିସ/ସିମୁଳିଆ/ବାଲିଆପାଳ/ଖଇରା/ଜଳେଶ୍ୱର/ନୀଳଗିରି/ସୋର,୧୫।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶା ଡ୍ରାଇଭର ଏକତା ମଞ୍ଚ ଡାକରାରେ ୧୦ଦଫା ଦାବି ନେଇ ବାଲେଶ୍ୱରରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ହୋଇଛି। ଶତାଧିକ ଡ୍ରାଇଭର ୧୬ନଂ. ଜାତୀୟ ରାଜପଥର ରେମୁଣା ଗୋଲେଇ ଓ ଖାନଗର ଛକ ନିକଟରେ ସମ୍ମିଳିତ ହୋଇ ରାଜ୍ୟ ସରକାରଙ୍କ ଉଦାସୀନତା ବିରୋଧରେ ପ୍ରତିବାଦ ଜଣାଇଥିଲେ। ଆନ୍ଦୋଳନକାରୀ ଡ୍ରାଇଭରମାନେ ବ୍ୟବସାୟିକ ପରିବହନରେ ନିୟୋଜିତ ଗାଡ଼ିଗୁଡ଼ିକୁ ଅଟକାଉଥିବା ଲକ୍ଷ୍ୟ କରାଯାଇଥିଲା। ମହାସଂଘର ୧୦ ଦଫା ଦାବିକୁ ନେଇ ସରକାରଙ୍କ ସହ ବାରମ୍ବାର ଆଲୋଚନା ସତ୍ତ୍ୱେ ସରକାର ଗୋଟିଏ ହେଲେ ଦାବି ପୂରଣରେ ବିଫଳ ହେବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହୋଇଛନ୍ତି ବୋଲି ଆନ୍ଦୋଳନକାରୀ ଡ୍ରାଇଭରମାନେ କହିଥିଲେ।

ସିମୁଳିଆ ଥାନା ସମ୍ମୁଖ ରାଜପଥ, ଜାମୁଝାଡି ଛକ ଓ ମଇତାପୁର ଛକ ଇତ୍ୟାଦି ବିଭିନ୍ନ ୩ଟି ସ୍ଥାନରେ ଡ୍ରାଇଭର ସଂଘର ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଅଟକି ଥିବା ବସ୍। ସଦସ୍ୟମାନେ ଧର୍ମଘଟ କରିଥିଲେ।

ବାଲିଆପାଳ ଶାଖା ଡ୍ରାଇଭର ମହାସଂଘ ପକ୍ଷରୁ ବ୍ଲକ ଛକଠାରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଥିଲା। ବାଲିଆପାଳ ଶାଖାର ସଂଯୋଜକ ଶଶୀକାନ୍ତ ପ୍ରଧାନ, ଗୌରାଙ୍ଗ ଜେନା, ଜୟକୃଷ୍ଣ ଗଙ୍ଗାଇ, ପ୍ରଭାକର ମହାନ୍ତି, ସୁଭାଷ ମଣ୍ଡଳଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଧାରଣାରେ ବସିଥିଲେ।

ଖଇରା ବ୍ଲକରେ କାର୍ଯ୍ୟରତ ଡ୍ରାଇଭର ଷ୍ଟିଅରିଂଛାଡ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗଣ୍ଡିବେଡ,ଧୋବାଗଡିଆ,ବାରାପୁର ଏବଂ ଅଡାଠାରେ ରାସ୍ତା ଉପରେ ଧାରଣା ଦେବା ସହ ଦାବି ପୂରଣ ନେଇ ସ୍ଲୋଗାନ ଦେଇଥିଲେ।ଏଥିସହ ରାସ୍ତାରେ ଯାଉଥିବା ଘରୋଇ ଗାଡ଼ିର ଡ୍ରାଇଭରମାନଙ୍କୁ ଅଟକାଇ ଫୁଲମାଳ ଦେଇ ଭାଇଚାରାର ନୂଆ ପରମ୍ପରା ସୃଷ୍ଟି କରିଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଉପଦେଷ୍ଟା ସୁରେନ୍ଦ୍ର ପ୍ରସାଦ ଦାସ,ଆଡମିନି ନିର୍ମଳ ଲେଙ୍କା ଓ ସହଦେବ ସାହୁ କହିଛନ୍ତି।

ଜଳେଶ୍ୱରସ୍ଥିତ ୬୦ନଂ. ଜାତୀୟ ଓ ୫୭ନଂ. ରାଜ୍ୟ ରାଜପଥ ସମ୍ମିଳିତ ସ୍ଥାନ ଜଳେଶ୍ୱର ଅଣ୍ଡରପାସ୍‌ଠାରେ ଡ୍ରାଇଭର ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଲା ଉପସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ, ଜଳେଶ୍ୱର ବ୍ଲକ ସମ୍ପାଦକ ଭାସ୍କର ମାହାଲି, ସଞ୍ଜୟ ପାତ୍ର, ଶମ୍ଭୁନାଥ ବେହେରା ପ୍ରମୁଖ ସୂଚନା ଦେଇଛନ୍ତି।

ନୀଳଗିରି ଡ୍ରାଇଭର ସଂଘ ପକ୍ଷରୁ ନୀଳଗିରି ବାଇପାସଠାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଶତାଧିକ ଡ୍ରାଇଭର ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ।

ସୋରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଛି। ୧୬ ନଂ. ଜାତୀୟ ରାଜପଥ ବରଫକଳ ଛକ ଏବଂ କଲେଜଛକ ନିକଟରେ ସୋର ଡ୍ରାଇଭର ମହାସଂଘ ସଭାପତି ବାବୁଲି ବେହେରାଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୬ଶହରୁ ଊର୍ଦ୍ଧ୍ୱ ଡ୍ରାଇଭର ଆନ୍ଦୋଳନ କରିଥିଲେ।

# ମଙ୍ଗଳା କ୍ଲବ କଟକ ଚାମ୍ପିୟନ

## ସର୍ବଭାରତୀୟ ଏକ୍ରାମୁଲ ହକ୍ ଫୁଟ୍‌ବଲ ଟୁର୍ନାମେଣ୍ଟ


ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

ଭଦ୍ରକ ଅଫିସ,୧୫।୩

ଭଦ୍ରକ ପୁରୁଣାବଜାର ହନିଫ କ୍ଲବ ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ ମହାବୀର ପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଏକ୍ରାମୁଲ ହକ୍ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପପୁଲାର କ୍ଲବ ଢେଙ୍କାନାଳ ଓ ମଙ୍ଗଳା କ୍ଲବ କଟକ ମଧରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ୨-୨ ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରରେ ପହଞ୍ଚାଇଥିଲେ। ଶେଷରେ ପେନାଲଟି ସଟ୍ ମାଧମରେ ୪-୨ ଗୋଲ ସ୍କୋର କରି ମଙ୍ଗଳା କ୍ଲବ କଟକ ଚାମ୍ପିୟନ ହୋଇଛି।

ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକର ଯୁବନେତା ଅସିତ୍ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ଦଲୱାଜୀ ହବିବ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା କ୍ଲବର ଆରତ ସାମଲ ଓ ସ୍କୋରର ଭାବେ ତପନ ଦାସଙ୍କୁ ପୁରସ୍କୃତ କରିଥିଲେ ହନିଫ କ୍ଲବର ମୁଖ୍ୟ ଜାହିଦ ହବିବ। ରେଫରୀ ଭାବେ ମାନସ ବିଶ୍ୱାଳ, ମିର୍ଜା ଇଜାଜ ବେଗ, ଉତ୍ତମ ବାରିକ ଓ ମହମ୍ମଦ ଆବିଦ ଖେଳ ପରିଚାଳନା କରିଥିଲେ। ମାଷ୍ଟର ମୁସ୍ତାକ ଗୌହର ସଞ୍ଚାଳକ ଦାୟିତ୍ୱ ତୁଲାଇଥିଲେ। ହନିଫ କ୍ଲବର ସଭାପତି ହାଜୀ ଉସମାନୁଲ ହକ୍, ମିର କାଲିଆ, ଟିଙ୍କି, ଲାଲା, ମୋତି, ରାଜନ, ସଲିମ, ଦିଲାୱରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

ବାଲିଆପାଳ,୧୫।୩ (ସ୍ୱ.ପ୍ର.)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓଡ଼ିଶା ଏବଂ ଜିଲା ପ୍ରଶାସନ ବାଲେଶ୍ୱର ମିଳିତ ଆନୁକୂଲ୍ୟରେ ବୁଧବାର ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ବ୍ଲକସ୍ତରୀୟ ଯୋଜନା ସଚେତନ ଏବଂ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏଇଚଆରଏମଏସର ଜିଲା ସଂଯୋଜକ ଅପୂର୍ବ ରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ସରକାରଙ୍କ ଯୋଜନା ବିଷୟରେ କହିଥିଲେ। ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁପରଭାଇଜର ରମାନାଥ କର, ବ୍ଲକ କୃଷି ଅଧିକାରୀ ରଞ୍ଜିତା ପାତ୍ର, ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା, ହଟିକଲଚର ଅଧିକାରିଣୀ ଶୁଭଲକ୍ଷ୍ମୀ ସେନାପତି, ଶିକ୍ଷା ବିଭାଗ ପକ୍ଷରୁ ବିଇଓ ସୁଧାଂଶୁ ଜେନା ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗ ବିଷୟରେ କହିଥିଲେ। ବାଲିଆପାଳ ସବ-ରେଜିଷ୍ଟ୍ରାର ଦାଇରେ ଥିବା ସୁବ୍ରତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତକଙ୍କ ପରିବାରକୁ ମିଳିଲା ବୀମା ସହାୟତା


ଶାଖା ପରିଚାଳକ ଓ ବୋର୍ଡ ସଭାପତି ମୃତଚାଷୀଙ୍କ ସ୍ତ୍ରୀଙ୍କୁ ସହାୟତା ଚେକ୍ ଦେଉଛନ୍ତି।

ଖଇରା,୧୫।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଇଁଅଖୁଣ୍ଟା ଗ୍ରାମର ମୃତ ଚାଷୀ ଶମ୍ଭୁନାଥ ପଣ୍ଡାଙ୍କ ପରିବାରକୁ ବୀମା ସହାୟତା ବାବଦକୁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମଙ୍ଗଳବାର ଖଇରା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ବିବିସିସିବି ଖଇରା ଶାଖା ପରିଚାଳକ ଯଦୁନାଥ ସ, ଶମ୍ଭୁନାଥଙ୍କ ସ୍ତ୍ରୀ ସତ୍ୟଭାମା ପଣ୍ଡାଙ୍କୁ ବୀମା ସହାୟତା ରାଶି ବାବଦକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ପ୍ରତ୍ୟେକ ଚାଷୀ ବୀମାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପରିଚାଳନା ବୋର୍ଡ ସଭାପତି ସୌମ୍ୟରଞ୍ଜନ ନାୟକ,ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇ,ଉଦୟନାଥ ରାଉତ,ଦିଲ୍ଲୀପ କୁମାର ରାଉତ ଓ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଶମ୍ଭୁନାଥ ୬ମାସ ତଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରଥିଲେ।

## 'ସଂଗ୍ରାମୀଙ୍କ ବଳିଦାନର ଅମୃତଫଳ ସ୍ୱାଧୀନତା'

**ଭଦ୍ରକ ଅଫିସ,୧୫।୩:** ଯୋଦ୍ଧା ଓ ସଂଗ୍ରାମୀଙ୍କ ବଳିଦାନର ଅମୃତଫଳ ହେଉଛି ସ୍ୱାଧୀନତା। ଦେଶ ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀ ଜୀବନ ଉତ୍ସର୍ଗ କରିଥିଲେ ମଧ ଇତିହାସ ସେମାନଙ୍କ ଆଦର୍ଶକୁ ସାଇତି ରଖିପାରି ନାହିଁ। ଭଦ୍ରକ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ସମ୍ମାନ କାର୍ଯ୍ୟକ୍ରମରେ ପୁନେ ଜାତୀୟ ପ୍ରତିରକ୍ଷା ଏକାଡେମୀର ଅବସରପ୍ରାପ୍ତ ପ୍ରଫେସର ତଥା ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଡ. ହରିହର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ। ମଙ୍ଗଳବାର ଅଧକ୍ଷା ସୁପ୍ରୀତି କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ 'ଭାରତୀୟ ଜାତୀୟତା ସଂଗ୍ରାମରେ ଅନାଲୋଚିତ ବ୍ୟକ୍ତିତ୍ୱ' ଶୀର୍ଷକ ସମ୍ମାନରେ ପ୍ରଫେସର ତୀର୍ଥବାସୀ ଦାସ ଓ ବକ୍ତା ଭାବେ ଅଧାପକ ଡ. ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ

ଭଦ୍ରକ ଅଫିସ,୧୫।୩-ଭଦ୍ରକ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ ଓ ମନ୍ଦିରର ଜିଲାସ୍ତରୀୟ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ କୃଷି ଅଧିକାରୀ ଗୋକୁଳାନନ୍ଦ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ଭାବେ ଅଧାପକ କେଦାର ମହାନ୍ତି, ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ କହିଥିଲେ, ଠାକୁର ଅନୁକୂଳଚନ୍ଦ୍ର ହେଉଛନ୍ତି ପ୍ରେମର ପ୍ରତୀକ। ତାଙ୍କ ସଙ୍ଗଠନ ସମଗ୍ର ବିଶ୍ୱରେ ମାନବ ମଙ୍ଗଳ ପାଇଁ ସେବା କରୁଛି। ନନ୍ଦଦୁଲାଲ ଦାସ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଦୀପ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜରାସ୍ତାରେ ଡ୍ରାଇଭର


ଆନ୍ଦୋଳନରେ ସାମିଲ ହୋଇଥିବା ଡ୍ରାଇଭର ମହାସଂଘର ସଦସ୍ୟମାନେ।

କେନ୍ଦୁଝର/ଢେଙ୍କିକୋଟ/ଯୋଡ଼ା/ପାଟଣା,୧୫।୩(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘର ଡାକରାରେ ବୁଧବାରଠାରୁ ଡ୍ରାଇଭରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ପୁରୁଣା ପେନସନ ଲାଗୁ, ଖାଲି ଥିବା ପଦବୀ ପୂରଣ, ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା, ଅଷ୍ଟମ ବେତନ କମିଶନ ଗଠନ କରିବା, ବକେୟା ମହଙ୍ଗା ଭତ୍ତା ପ୍ରଦାନ ଆଦି ସାତ ଦଫା ଦାବି ଉପସ୍ଥାପନ କରିଥିଲେ। ଏନେଇ ପୂର୍ବରୁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାରେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଥିବା ବେଳେ କାଁ ଭାଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ଜିଲାର ବିଭିନ୍ନ ରାସ୍ତା ବିଶେଷ କରି ଏନ୍‌ଏଚ୍୨୦, ଏନ୍‌ଏଚ ୪୯ର ବାଲିଆଗୁଡ଼ା, ଶୁଆକାଟି, ଝୁମ୍ପୁରା, ରିମୁଳି ଆଦି ସ୍ଥାନରେ ଆନ୍ଦୋଳନକାରୀ ମାନେ ଜମା ହୋଇ ପ୍ରତିବାଦ କରିବାରେ ଅନେକ ଗାଡ଼ି ଅଟକ ରହିଥିଲା। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ନିୟୋଜିତ ଥିଲେ।

ରାଜ୍ୟ ମହାସଂଘର ଡାକରାରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଡ୍ରାଇଭର ମହାସଂଘ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଢେଙ୍କିକୋଟସ୍ଥିତ ଜାତୀୟ ରାଜପଥ ୨୦ ନଂ. ଟୋଲ ପ୍ଲାଜା ନିକଟରେ ଧାରଣାରେ ବସିଛନ୍ତି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଲୁହାପଥର ବୋଝେଇ ଟ୍ରକ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଘଟଗାଁ ବ୍ଲକ୍ ସଭାପତି କୁଶଧର ମହାନ୍ତ, ଉପଦେଷ୍ଟା ଅମୂଲ୍ୟ ସେଠୀଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଡ୍ରାଇଭର ମହାସଂଘ ପକ୍ଷରୁ ବୁଧବାର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆହ୍ୱାନ ପରେ ଯୋଡ଼ା ଖଣି ଅଞ୍ଚଳର ଶହ ଶହ ସଂଖ୍ୟାରେ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ସମୟରେ ଗଣ୍ଡଗୋଳକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଯୋଡ଼ା ବ୍ଲକ୍ ବିଲେଇପଦା, ଜୁରୁଡି, ଜରିବାହାଲଠାରେ ମଧ ଆନ୍ଦୋଳନ କରାଯାଇଥିଲା।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡ୍ରାଇଭର ସଂଘ ତରଫରୁ ବୁଧବାର ପାଟଣା ଦେଇଯାଇଥିବା ରାଞ୍ଚି ବିଜୟୱାଡ଼ା ୨୨୦ ନମ୍ବର ଜାତୀୟ ରାଜପଥ ମଙ୍ଗଳପୁର ନିକଟରେ ବ୍ଲକ୍ ସଭାପତି ସଞ୍ଜୟ ଭୂମିଜଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ସାହାରପଡ଼ା ଛକରେ ବ୍ଲକ୍ ସଭାପତି ଗୋବର୍ଦ୍ଧନ ମହାନ୍ତଙ୍କ ନେତୃତ୍ୱରେ ଓ ଡୁରୁମୁଙ୍ଗା କେନ୍ଦୁଝରଦେଇ ଯାଇଥିବା ମୁମ୍ବାଇ-କୋଲକାତା ୪୯ ନଂ. ୪ ଲେନ ବିଶିଷ୍ଟ ଜାତୀୟ ରାଜପଥର ବାଉଁଷୁଳି ନିକଟରେ ଡ୍ରାଇଭର ଧାରଣାରେ ବସିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

## ଭତ୍ତା ପାଇଁ ହୀନସ୍ତା

ଲଙ୍ଗଳେଶ୍ୱର,୧୫।୩ (ଡି.ଏନ.ଏ.)

ମାସ ମାସ ଧରି ଭତ୍ତା ପାଇ ନ ଥିବା ହିତାଧିକାରୀ ବୁଧବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତରେ ତାଲା ପକାଇବା ଚର୍ଚ୍ଚାର ବିଷୟ ହୋଇଛି। ବହୁ ହିତାଧିକାରୀ ଦୀର୍ଘ ୩ମାସ ହେଲା ଭତ୍ତା ନ ପାଇବା, ବାରମ୍ବାର ବ୍ୟାଙ୍କ ଏବଂ ଆଧାର କପିର ନକଲ ମାଗିବା, ଜାନୁଆରୀ ମାସରେ ଇନ୍ଦିରା ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଭତ୍ତା ନ ମିଳିବା, ଶଯ୍ୟାଶାୟୀ ହିତାଧିକାରୀଙ୍କୁ ବ୍ୟାଙ୍କରେ ଭତ୍ତା ଦେବା, ୮୦ବର୍ଷରୁ ଊର୍ଦ୍ଧ୍ୱ ଏବଂ ୬୦ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବ୍ୟାଙ୍କ ମାଧମରେ ଭତ୍ତାର ପରିମାଣ କମାଇ ୫୦୦ ଟଙ୍କା ଦେବା ଆଦି ହିତାଧିକାରୀଙ୍କ ପାଖରୁ ଶୁଣିବାକୁ ମିଳିଥିଲା। ବୈକୁଣ୍ଠ ମୈକାପ,


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବସିଥିବା ହିତାଧିକାରୀ।

ସୁଗନ୍ଧା ମଲ୍ଲିକ, ନିୟତି ସିଂ, ଅତୁଳ ମୈକାପ, ଗେହ୍ଲାମଣି ପାତ୍ର, ବାସନ୍ତି ଜେନା, ବ୍ରଜେଶ୍ୱରୀ ପାଳ, ନିୟତି ସାନ୍ତରା, ଆଶାଲତା ଦଳାଇ, ପୁନି ସିଂ, ସାମଲତା ସିଂ, ସୁରବାଳା ପାତ୍ର, ଉତ୍ପଳ ମହାନ୍ତି, ରାଗ ମୁର୍ମୁ, କୃତିବାସ ଖଟୁଆ, ପୂର୍ଣ୍ଣଚନ୍ଦ୍ର ଗିରି, ଦୁର୍ଗାମଣି ସାମଲ, ସାଧୁ ସିଂ, ସଦାଶିବ ଦଳାଇ ପ୍ରମୁଖ ବହୁ ହିତାଧିକାରୀ ଭତ୍ତା ନ ପାଇବା ଯୋଗୁ ପରିବାର ଚଳାଇବା, ଔଷଧ କିଣିବା ଭଳି ଅସୁବିଧା ହେଉଥିବା ପ୍ରକାଶ କରି ଏଥିପାଇଁ ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ଦାୟୀ କରିଥିଲେ। ହିତାଧିକାରୀ ବାଧ ହୋଇ ଭତ୍ତା ପ୍ରଦାନ ପାଇଁ ଆସିଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଫିସରେ ତାଲା ପକାଇ ବାଲିଆପାଳ ବିଡ଼ିଓଙ୍କୁ ଆସିବା ପାଇଁ ଫୋନ ଯୋଗେ ନିବେଦନ କରିଥିଲେ। ମାତ୍ର ବିଡ଼ିଓ ଘଟଣାସ୍ଥଳକୁ ଆସି ନ ଥିଲେ। ପରେ ସରପଞ୍ଚ ଏବଂ ସମିତି ସଦସ୍ୟାଙ୍କ ପ୍ରତିନିଧି ଆସି ହିତାଧିକାରୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

